# ସଂକ୍ଷେପରେ

## ଛେଳିକୁ ଗିଳିଲା ଅଜଗର



ଖଲ୍ଲିକୋଟ,୨୧।୭(ପ୍ରଶାନ୍ତ କୁମାର ମିଶ୍ର)
ଖଲ୍ଲିକୋଟ ଏନ୍‌ଏସି ଅନ୍ତର୍ଗତ ୮ନଂ ୱାର୍ଡର ଶ୍ୟାମସୁନ୍ଦରପୁର ଗ୍ରାମରେ ରବିବାରେ ଏକ ଛେଳିକୁ ଅଜଗର ଗିଳିଦେଇଛି। ଛେଳିଚାସି ଆର୍ତ୍ତ ଦାସ ବ୍ରାହ୍ମଣୀ ଦେବୀ ମନ୍ଦିର ନିକଟରେ ଚରିବା ପାଇଁ ଛାଡ଼ିଥିଲେ। କିଛି ସମୟ ପରେ ଦେଖିଲା ବେଳେ ଗୋଠରେ ଗୋଟିଏ ଛେଳି କମ୍ ଥିଲା। ଖୋଜିଲା ବେଳେ ଅଜଗର ଛେଳିକୁ ଗିଳି ଦେଇଥିବା ଦେଖିବାକୁ ମିଳିଥିଲା। ବନ ବିଭାଗ କର୍ମଚାରୀ, ସ୍ନେକ ହେଲ୍ପଲାଇନ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ କରାଖୋଲ ଜଙ୍ଗଲରେ ଛାଡ଼ି ଥିଲେ। ଏହି ଅଜଗର ସାପଟି ୭ଫୁଟ ଲମ୍ବ ଥିବା ବେଳେ ୫୦ କିଲୋ ଓଜନ ଥିଲା।

## ସପ୍ତାହରେ ୨୮୮୭ ଚାଷୀ ପଞ୍ଜୀକୃତ

ଛତ୍ରପୁର,୨୧।୭(ସନ୍ତୋଷ ପାଢୀ)
ସରକାରଙ୍କୁ ଧାନ ବିକିବା ପାଇଁ ଗଞ୍ଜାମ ଜିଲାରେ ଅନଲାଇନ୍ ଚାଷୀ ପଞ୍ଜୀକରଣ ଚାଲିଛି। ଗତ ୭ ଦିନ ମଧ୍ୟରେ ଜିଲାର ୨ ହଜାର ୮୮୭ ଜଣ ଚାଷୀ ଧାନ ବିକିବା ଲାଗି ପଞ୍ଜୀକୃତ ହୋଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାରେ ୫୪୬ ପ୍ରାଥମିକ କୃଷି ସେବା ସମବାୟ ସମିତି (ପ୍ୟାକ୍ସ) ଥିବାବେଳେ ସେଥିରୁ ୨୦୭ ପ୍ୟାକ୍ସ , ୭୧ ଏସଏଚଜି ଓ ଗୋଟିଏ ପାଣି ପଞ୍ଚାୟତ ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ତେବେ ୩୬୧ ଟି ପ୍ରାଥମିକ କୃଷି ସେବା ସମବାୟ ସମିତି , ୧୧୮ ଟି ଏସଏଚଜି ଓ ଗୋଟିଏ ପାଣି ପଞ୍ଚାୟତ ଏହି ପ୍ରକ୍ରିୟାରେ ସାମିଲ ହେବେ। ଚଳିତ ମାସ ୧୫ ତାରିଖରୁ ଏହି ପଞ୍ଜୀକରଣ ଆରମ୍ଭ ହୋଇଛି ଏବଂ ଏହା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି। ଗତବର୍ଷ ୧ଲକ୍ଷ ୩୯ ହଜାର ୩୮୦ ଜଣ ଚାଷୀ ଧାନ ବିକିବାକୁ ଯୋଗ୍ୟ ହୋଇଥିଲେ। ତେବେ ଏଥିରୁ ଗତ ବର୍ଷ ୨୯ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଠାରୁ ଧାନ କିଣାଯାଇପାରି ନ ଥିଲା। ପ୍ରତିବର୍ଷ ଜିଲାରେ ଧାନ କିଣା ଟାର୍ଗେଟ ପୂରଣ ହୋଇପାରୁନି। ସୂଚନାଯୋଗ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ୧୧ ଜଣ ଚାଷୀ ଖରିଫ ଧାନ ବିକ୍ରି କରିଥିଲେ ହେଁ ତାଙ୍କୁ ଏଯାବତ ଟଙ୍କା ମିଳିନି।

## ବୃଦ୍ଧ ନିଖୋଜ: ଥାନାରେ ବସିଲେ ସ୍ତ୍ରୀ

ବୁଗୁଡା,୨୧।୭(କାଳିଚରଣଦାଶ)
ବୁଗୁଡ଼ା ଥାନା ଅଧୀନ ଟଭାପଲ୍ଲୀ ଗ୍ରାମ ହରିଜନ ସାହିର ଅନ୍ତରା ନାୟକ(୬୫) ଗୁରୁବାର ଜଙ୍ଗଲକୁ ଯାଇ ନିଖୋଜ ହୋଇଯାଇଥିଲେ। ଘଟଣାକୁ ୩ ଦିନ ବିତିଯାଇଥିଲେ ବି ଅନ୍ତରାଙ୍କ ପତ୍ତା ମିଳିନଥିବାରୁ ରବିବାର ତାଙ୍କ ସ୍ତ୍ରୀ ଓ ସାହିବାସୀନ୍ଦା ଥାନା ସମ୍ମୁଖରେ ବସି ହୋହଲ୍ଲା କରିଛନ୍ତି। ପରିବାର ଲୋକେ ସାହିବାସିନ୍ଦାଙ୍କ ସହ ମିଶି ଜଙ୍ଗଲରେ ବହୁତ ଖୋଜାଖୋଜି ପରେ ରାସ୍ତାରେ ଅନ୍ତରା ସାଥିରେ ନେଇଥିବା ଖାଦ୍ୟ ଏବଂ ହାତରେ ଧରିଥିବା ବାଡି ପଡିଥିବା ଦେଖିବାକୁ ପାଇଥିଲେ। ଫଳରେ ଅନ୍ତରା ହିଂସ୍ରଜନ୍ତୁଙ୍କ ଆକ୍ରମଣ କିମ୍ବା ଅନ୍ୟ କୌଣସି ଅପ୍ରତ୍ୟାଶିତ ଘଟଣାର ଶିକାର ହୋଇଥିବା ନେଇ ସନ୍ଦେହ କରାଯାଇଥିଲା। ଏ ନେଇ ପରିବାର ପକ୍ଷରୁ ବୁଗୁଡା ଥାନାରେ ଅଭିଯୋଗ କରାଯାଇଥିଲା। ଅନ୍ୟପକ୍ଷରେ ପୋଲିସ ନିଖୋଜ କେସ ନଂ ୪୮/୨୪ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଛି।

## ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ

ଧରାକୋଟ,୨୧।୭
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ଧରାକୋଟ ମୁଣ୍ଡମରାଇ ସରସ୍ୱତୀ ଶିଶୁ ମନ୍ଦିରଠାରେ ମୁଣ୍ଡମରାଇ ଭାଗତ୍ ସିଂ ପ୍ରଭାତ ଶାଖା ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଘୁମୁସର ଜିଲାର ସହ ଜିଲା କାର୍ଯ୍ୟବାହ ସୁଶାନ୍ତ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୁରୁପୂର୍ଣ୍ଣିମା ବିଷୟରେ ଆଲୋକପାତ କରିଥିଲେ। ଶାଖାର ସମସ୍ତ ସ୍ୱୟଂସେବକ ତଥା ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ରଜନୀକାନ୍ତ ସାହୁ, ଚିଦାନନ୍ଦ ପାତ୍ର, ଗଣେଶ ଚନ୍ଦ୍ର ପାତ୍ର ଓ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ମହେଶ୍ୱର ସ୍ୱାଇଁ ଏବଂ ସମସ୍ତ ଗୁରୁମା ଗୁରୁଜୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ହୋଇଥିଲା। ମାତୃ ଭାରତୀ ଅଧକ୍ଷା କମଳା ସାହୁ ସଭାପତିତ୍ୱ କରିଥିଲେ। ଶିଶୁମାନଙ୍କର ଉନ୍ନତି ଓ ପ୍ରଗତି କିପରି ହୋଇପାରିବ ସେ ବିଷୟରେ ପ୍ରଧାନ ଆଚାର୍ଯ୍ୟ ଆଲୋକପାତ କରିଥିଲେ।

# କାମରେ ଆସୁନି ଲକ୍ଷାଧିକ ଟଙ୍କାରେ ନିର୍ମିତ ଭେଣ୍ଡିଂ ଜୋନ୍

ପାରଳାଖେମୁଣ୍ଡି, ୨୧।୭ (ଗିରିଧାରୀ ପରିଚ୍ଛା)
ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନ୍ ଲୋକମାନଙ୍କ ନାମରେ ନ ଆସି ଖତ ଖାଉଛି। ଦୋକାନ ଗୃହଗୁଡ଼ିକରେ କଳଙ୍କି ଲାଗିଗଲାଣି। ଗଜପତିଜ ଜିଲା ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ନିର୍ମିତ ଭେଣ୍ଡିଙ୍ଗ ଜୋନ ଲୋକଙ୍କ କାମରେ ଆସୁନଥିବା ଲୋକେ ଅଭିଯୋଗ କରିଛନ୍ତି। ସହର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ୨୦୨୨-୨୩ ମସିହାରେ ମୁକ୍ତା ଯୋଜନା ଦ୍ୱାରା ଲକ୍ଷାଧିକ ସରକାରୀ ଅର୍ଥ ଖର୍ଚ୍ଚରେ ଭେଣ୍ଡିଙ୍ଗ ଜୋନ ନିର୍ମାଣ କରାଯାଇଥିଲା। ହେଲେ ନିର୍ମାଣର ଦୀର୍ଘ ଦିନ ପରେ ଏହି ଭେଣ୍ଡିଙ୍ଗ ଜୋନ କାର୍ଯ୍ୟକ୍ଷମ ହୋଇ ପାରିନଥିଲା ବେଳେ ଉକ୍ତ ଅଞ୍ଚଳ ନିଶାଡ଼ି ଏବଂ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନ୍ୟପଟେ ଏହି ଭେଣ୍ଡିଙ୍ଗ ଜୋନ ଯୋଗାଇଦେବା ନାମରେ ପୌର ପରିଷଦର କିଛି ଅସାଧୁ ବ୍ୟକ୍ତି ହାତଗୁଞ୍ଜି ନେଇଥିବା ଅଭିଯୋଗ କରିଛନ୍ତି କିଛି ଛୋଟ ବ୍ୟବସାୟୀ। ଦୋକାନ ଗୃହ ଯୋଗାଇବା ପାଇଁ ଟଙ୍କା ନେଇଥିଲେ ମଧ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଦୋକାନ ଗୃହ ଯୋଗାଇନଥିବାରୁ ସେମାନେ ବାଧ ହୋଇ ରାସ୍ତା କଡରେ ବ୍ୟବସାୟ କରୁଥିବା କହିଛନ୍ତି। ସହରର ମେଡିକେଲ ଛକ ନିକଟରେ ୨୨ଟି ଦୋକାନ ଗୃହ ନିର୍ମାଣ କରାଯାଇଥିବା ବେଳେ ହାଟପଦା ଠାରେ ୧୨୨ ଦୋକାନ ଗୃହ ନିର୍ମାଣ କରାଯାଇଛି। ଗୋଟିଏ ଦୋକାନ ଗୃହ ନିର୍ମାଣ ପାଇଁ ପ୍ରାୟ ୧,୦୭,୦୦୦ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ସହରର ମୁଖ୍ୟ ରାସ୍ତାରେ ବ୍ୟବସାୟ କରୁଥିବାରୁ ମେଡିକେଲ ଛକ, ବଜାର ଛକ, ହାଟ ପଦା ଛକ ଅଞ୍ଚଳ ଦିନ ରାତି ଗହଳି ହେବା ସହିତ ସାଧାରଣରେ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ, ପିସିଆର ଏବଂ ଅଗ୍ନିଶମ ଗାଡ଼ି ଯିବାରେ ମଧ ସମସ୍ୟା ଦେଖାଦେଉଛି। ଏ ସମ୍ପର୍କରେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲିପିନା ଦାସ କହିଛନ୍ତି ଯେ, ପୂର୍ବରୁ ଏହା ବ୍ୟବସାୟୀଙ୍କୁ ହସ୍ତାନ୍ତର କରାଯିବା କଥା କିନ୍ତୁ କୌଣସି କାରଣରୁ ହୋଇପାରିନାହିଁ। କିଛି ଦିନ ମଧ୍ୟରେ ନୋଟିସ ଜାରି କରି ଟେଣ୍ଡର ପ୍ରକ୍ରିୟା କରାଯିବା ସହ ସମସ୍ୟାର ସମାଧାନ କରି ଭେଣ୍ଡିଙ୍ଗ ଜୋନ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି।



ଅବ୍ୟବହୃତ ଅବସ୍ଥାରେ ରହିଥିବା ଭେଣ୍ଡିଂଜୋନ୍।

# ଶୌଣ୍ଡିକ ସମାଜର ବାର୍ଷିକ ସମ୍ମିଳନୀ



ପାଟପୁର,୨୧।୭(ସୀମାଞ୍ଚଳ ସାହୁ):
ସାନଖେମୁଣ୍ଡି ବ୍ଲକ୍ ସିଙ୍ଗିପୁର ପଞ୍ଚାୟତ ଡେଙ୍ଗାଓସ୍ତା ସଭା ଗୃହଠାରେ ଶୌଣ୍ଡିକ ସମାଜର ୨୪ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଆବାହକ ତଥା ତାଲୁକା ସଭାପତି ତ୍ରିନାଥ ବିଷୋୟୀ ରତ୍ନ, ସମ୍ପାଦକ ମନୋଜ କୁମାର ସାହୁ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜରେ ନାରୀ ସଶକ୍ତୀକରଣ, ଗରିବ ପୁଅ ଝିଅଙ୍କ ବାହାଘର, ଏକତ୍ରିତ ହୋଇ ଚାଲିବା ସହ କେମିତି ଏକ ଶୃଙ୍ଖଳିତ ସମାଜ ଗଠନ ହୋଇପାରିବ ତାହା ଉପରେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ମାଟ୍ରିକ ଓ ଯୁକ୍ତ ୨ରେ ଟପ୍ପର ହୋଇଥିବା ଦୁଇ ଝିଅଙ୍କୁ ଓ ପୂର୍ବତନ ସଭାପତି ଏବଂ ସମ୍ପାଦକଙ୍କ ପରିବାର ବର୍ଗଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମିଳନୀରେ ନିର୍ମଳ ସାହୁ, ସୁନନ୍ଦା ଚୌଧୁରୀ, ସନ୍ତୋଷ ସାହୁ, ଶ୍ୟାମସୁନ୍ଦର ସାହୁ, ବାରାନିଧି ସାହୁ, ମନୋଜ ସାହୁ, ଦମୟନ୍ତୀ ସାହୁ, ସବିତା ସାହୁକାର, ଦେବାନନ୍ଦ ସାହୁ, କୈଳାଶ ସାହୁ, ଦିନାର୍ଦ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ ଅଧିଷ୍ଠାନ ଉତ୍ସବ ପାଳିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଫୁଲବାଣୀ,୨୧।୭
(ରାକେଶ କୁମାର ରାଉତ)
ଫୁଲବାଣୀର ଏକ ଘରୋଇ ବିଦ୍ୟାଳୟରେ ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଓ ଉଚ୍ଚ ନ୍ୟାୟାଳୟର ବିଚାରପତି ଶିବଶଙ୍କର ମିଶ୍ର ଆଭାସୀ ମାଧ୍ୟମରେ ରୋଟାରୀର ସେବା ଭାବନାର ଉଚ୍ଚ ପ୍ରଶଂସା କରିଥିଲେ। ୨୦୨୪-୨୫ ବର୍ଷ ପାଇଁ ବିଶିଷ୍ଟ ସାମାଜିକ କର୍ମୀ ରୋଟାରୀଆନ ବିପ୍ର ଚରଣ ପାତ୍ର ସଭାପତି ଓ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ସମ୍ପାଦକ ଭାବରେ ପୂର୍ବ ସଭାପତି ରୋଟାରୀଆନ ବିରାଜିନୀ ମହାପାତ୍ର ଏବଂ ସମ୍ପାଦକ ରୋଟାରୀଆନ ସୁନୀତି ଆଚାରୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ସଭାପତି ପାତ୍ର ଦାୟିତ୍ୱ ଗ୍ରହଣ ପରେ ଆଗାମୀ ବର୍ଷରେ ରୋଟାରୀ ଯେଉଁ କାର୍ଯ୍ୟକ୍ରମ କରିବ ସେ ସଂପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ପ୍ରାଧ୍ୟାପକ ରାଜକିଶୋର ବେହେରା ମୁଖ୍ୟଅତିଥି, ଆଇନଜୀବୀ ରବୀନ୍ଦ୍ର ନାଥ ମିଶ୍ର ମୁଖ୍ୟବକ୍ତା ଆସିଷ୍ଟାଣ୍ଟ ଗଭର୍ଣ୍ଣର ମିହିର ରଞ୍ଜନ ନାୟକ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହି ଅଧିଷ୍ଠାନ ଉତ୍ସବରେ ୧୨ ଜଣ ନୂଆ ସଦସ୍ୟ ଭାବରେ ଯୋଗଦେଇ ଆଗାମୀ ଦିନରେ ସେବା କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ନୟାଗ ଆଦି ରୋଟାରୀ କ୍ଲବର ପ୍ରତିନିଧି ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ଅତିଥି ଏବଂ ପୂର୍ବ ସଭାପତି ଓ ସମ୍ପାଦକଙ୍କୁ ସଭାପତି ପାତ୍ର ସମ୍ମାନୀତ କରିଥିଲେ। ଏହି ଅବସରରେ ମୋହନଦାସ କରମଚାନ୍ଦ ଶିକ୍ଷାନିକେତନର ଛାତ୍ରୀଛାତ୍ରଙ୍କ ପାଇଁ ରୋଟାରୀ କ୍ଲବ ଫୁଲବାଣୀ ତରଫରୁ ଗୋଟିଏ ୱାଟର୍ ପ୍ୟୁରିଫାଏର୍ ଯୋଗାଇ ଦିଆଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ସଂଚାଳନ ରୋଟାରୀଆନ ପ୍ରସନ୍ନ ପଣ୍ଡା ଓ ଅଧ୍ୟାପିକା ହରପ୍ରିୟା ମିଶ୍ର କରିଥିବା ବେଳେ ରୋଟାରୀଆନ ପ୍ରକାଶ ପଣ୍ଡା, କେ. ଜ୍ଞାନ ଦୋରା, କୁମାର୍ କୁନ୍ଦନ ସିଂ, ସର୍ବେଶ୍ୱର ମିଶ୍ର, ସୁନୀଲ ପଟ୍ଟନାୟକ, ରବିନାରାୟଣ ସୁବୁଦ୍ଧି, ବିରଜା ନାହାକ, ମନୋରଞ୍ଜନ ପଟ୍ଟନାୟକ, ଶରତ ସୁବୁଦ୍ଧି, ବାଲାଜୀ ପାତ୍ର, ଦେବେନ୍ଦ୍ର ପାତ୍ର, ସଞ୍ଜିତ ପାତ୍ର, ସମୀର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ମା' ବରାଳ ଦେବୀ ମନ୍ଦିରରୁ ଚୋରି

ଖଜୁରୀପଡ଼ା,୨୧।୭(ବିଦୁର ବେହେରା)
ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପାଠାରେ ଥିବା ମା' ବରାଳ ଦେବୀ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଦାନ ହୁଣ୍ଡିର ଟଙ୍କା ଚୋରି କରିଥିବା ନେଇ ରବିବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଏତଲା କ୍ରମେ ଖଜୁରିପଡ଼ା ପୋଲିସ ୧୧୭/୨୪ ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶନିବାର ରାତିରେ ଦୁର୍ବୃତ୍ତମାନେ ମା' ବରାଳ ଦେବୀ ମନ୍ଦିରର ଉତ୍ତର ପାର୍ଶ୍ୱ କବାଟ ତାଲା ଭାଙ୍ଗି ଦାନ ହୁଣ୍ଡିରୁ ଟଙ୍କା ଚୋରି କରିନେଇଯାଇଥିଲେ। ପୂଜକ ଅଭୟ ଦେହୁରୀ ସକାଳେ ମନ୍ଦିରରେ ପହଞ୍ଚି ଚୋରି ହୋଇଥିବା ଜାଣି ପୋଲିସକୁ ଜଣାଇଥିଲେ। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର ଏବଂ ରାଜସ୍ୱ ନିରୀକ୍ଷକ ଅଧିକାରୀ ଜୟନ୍ତ ସାହୁ ମଧ ମନ୍ଦିରରେ ପହଞ୍ଚି ଘଟଣା ସମ୍ବନ୍ଧେ ଅବଗତ ହେବା ସହିତ ଏହାର ତଦନ୍ତ ପକ୍ରିୟା ଶୀଘ୍ର କରିବାକୁ କହିଥିଲେ। ତହସିଲଦାର ସୌମ୍ୟ ରଞ୍ଜନ ପାତ୍ରଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ମନ୍ଦିରରେ ଆଲୋକି କରଣ ବ୍ୟବସ୍ଥା କରିବା ସହିତ ଷ୍ଟ୍ରଙ୍ଗ ଲୋକ ଅଫ ବ୍ୟବସ୍ଥା କରାଯିବ କାଲି ସକାଳେ ପୁରୋହିତଙ୍କ ଦ୍ୱାରା ଶୁଦ୍ଧି କରଣ କରି ମା'ଙ୍କର ରୀତି ନୀତି ପୂଜା କରିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ପୁସ୍ତକ ସମୀକ୍ଷା ସମାରୋହ, କବିତା ପାଠୋତ୍ସବ




ଦାରିଙ୍ଗବାଡି,୨୧।୭(ଅରୁଣ ସାହୁ)
ଦାରିଙ୍ଗବାଡ଼ି ବ୍ଲକ ସଭାଗୃହ ପରିସରରେ ରବିବାର ସାହିତ୍ୟ କାର୍ଯ୍ୟକ୍ରମ ତଥା ପୁସ୍ତକ ସମୀକ୍ଷା ସମାରୋହ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଦ୍ମଶ୍ରୀ କମଳା ପୂଜାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ଦାରିଙ୍ଗବାଡ଼ି ବ୍ଲକ କଲୋନୀର ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଗତା ରେଣୁବାଳା ମହାପାତ୍ର, ରାପଡ଼ାବାଡ଼ି ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱର୍ଗତା ଶୁଭଲତା ବଳିୟାର ସିଂ ଏବଂ ଫୁଲବାଣୀର ତତ୍କାଳୀନ ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର ଦାସଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ତଥା ବରିଷ୍ଠ କବି, ସାହିତ୍ୟକ ବିଦେଶୀ ନାୟକଙ୍କ ସଂଯୋଜନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ତହସିଲଦାର ଶରତ ଶବର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର, ଆଲୋଚକ ଡ.ମଧୁସୂଦନ ମହାପାତ୍ର, ଡ.ନଳିନୀ କୁମାର ପାଣିଗ୍ରାହୀ ଯୋଗଦେଇ ପୁସ୍ତକ "ଦାରିଙ୍ଗବାଡି ଅଭୁଲା ସ୍ମୃତି" ପୁସ୍ତକର ସମୀକ୍ଷା ଓ ଆଲୋଚନା କରିଥିଲେ। ଉକ୍ତ ପୁସ୍ତକକୁ ଦାରିଙ୍ଗବାଡ଼ ବିଡିଓ ଗଦାଧର ପାତ୍ରଙ୍କ ଦ୍ୱାରା ରଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନେକ କବିୟିତ୍ରୀ, କବି ସାହିତ୍ୟିକ ଯୋଗଦେଇ ଦାରିଙ୍ଗବାଡ଼ି ଅଭୁଲା ସ୍ମୃତି ସମ୍ପର୍କରେ ଆଲୋଚନା କରିବା ସହ କବିତା ପାଠ କରିଥିଲେ ଅନ୍ୟ ଅତିଥିଙ୍କ ମଧ୍ୟରେ ବାଲିଗୁଡ଼ାରୁ ବରିଷ୍ଠ ଓକିଲ କୌଶିକ ସାହୁଙ୍କ ସମେତ ଫୁଲବାଣୀରୁ ରବୀନ୍ଦ୍ରନାଥ ମିଶ୍ର, ସସ୍ମିତା ପଣ୍ଡା, ରକ୍ଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଦେବରାଜ ବଳିୟାରସିଂ, ଡିଗ୍ରୀ କଲେଜର ଅଧକ୍ଷ ଡ. ଭାସ୍କର ନାୟକ, ଫିରିଙ୍ଗିଆ ମହାବିଦ୍ୟାଳୟର ଅଧକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ବନବିହାରୀ ନନ୍ଦ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ, ଜ୍ୟୋତିର୍ମୟୀ କଂହର, ଡ.ପ୍ରତାପ କୁମାର ବେହେରା, ହରପ୍ରିୟା ମିଶ୍ର, ପତିତପାବନ ରାଉତ, ପ୍ରସନ୍ନ କୁମାର ପଣ୍ଡା, ଅରୁଣ କୁମାର ସାହୁ, ବିଶ୍ୱଜିତ ଜାଲି, ଅଧାପିକା ସସ୍ମିତା ସାମନ୍ତ, ରବୀନ୍ଦ୍ରରଥ ପ୍ରମୁଖ ଆଲୋଚନା କରିଥିଲେ।

# ଫାଣ୍ଡିରୁ ଅଭିଯୁକ୍ତ ସ୍ୱାମୀ ଚମ୍ପଟ ଘଟଣା, ସୁରାକ ପାଉନି ପୋଲିସ

ଗୋପାଳପୁର,୨୧।୭(ନବୀନ ରାଜ ଆଚାରୀ)
ନବବଧୂ ହତ୍ୟା କରିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଜିମା ଦେବାର କିଛି ଘଣ୍ଟାରେ ବ୍ରହ୍ମପୁର ମେଡିକାଲ ଫାଣ୍ଡିରୁ ଚମ୍ପଟ ମାରିଥିଲେ। ଏହି ଘଟଣାକୁ ୯୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୁକ୍ତ ଲକ୍ଷ୍ମୀ ଫାଣ୍ଡିରୁ ପରିସ୍ରା ବାହାନା କରି ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ଏହି ଘଟଣା ଜାଣିବା ପରେ ଗତ ମଙ୍ଗଳବାର ମୃତ ରାଣୀଙ୍କ ବାପା ଘର ପରିବାର ଲୋକ ଗୋଳନ୍ଥରା ଥାନା ସମ୍ମୁଖରେ ରାଣୀ ମୃତଦେହକୁ ରଖି ଧାରଣା ଦେଇଥିଲେ। ପୋଲିସ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ହେଲେ ହତ୍ୟାର ଚାରି ଦିନରୁ ଊର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ମଧ ଅଭିଯୁକ୍ତ ଲକ୍ଷ୍ମୀଙ୍କୁ ଗିରଫ କରିବାରେ ସଫଳ ହୋଇ ପାରିନାହିଁ। ଅଭିଯୁକ୍ତ ବାହାର ରାଜ୍ୟକୁ ଚାଲି ଯାଇଥିବା ପୋଲିସ ଜାଣିବାକୁ ପାଇଛି। ଏ ନେଇ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ପଚାରିବାରୁ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଥିଲେ। ସୂଚନା ଥାଉକି, ଗତ ମାର୍ଚ୍ଚ ୧୧ ତାରିଖରେ ଗୋପାଳପୁର ଥାନା ଅଧୀନ ଆରୁଆପଲ୍ଲୀ ଗ୍ରାମ ରାଣୀ ମହାରଣା ସହିତ ଗୋଳନ୍ଥରା ଥାନା ଜଗନ୍ନାଥପୁର ଓଡିଆରପି କଲୋନୀର ଲକ୍ଷ୍ମୀ ମହାରଣାଙ୍କ ସହ ବିବାହ ହୋଇଥିଲା। ପରେ ଲକ୍ଷ୍ମୀ ସ୍ତ୍ରୀ ରାଣୀଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଇ ଆସୁଥିଲେ। ଗତ ସୋମବାର ରାଣୀ ଗୁରୁତର ଅଛନ୍ତି ବୋଲି ଲକ୍ଷ୍ମୀ ଶାଳକ ରାଜେଶଙ୍କୁ କହିଥିଲେ। ରାଜେଶ ସମ୍ପର୍କୀୟମାନେ ଜଗନ୍ନାଥପୁରରେ ପହଞ୍ଚି ରାଣୀଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଲକ୍ଷ୍ମୀଙ୍କୁ ରାଣୀଙ୍କ ବାପ ଘର ଲୋକ ବ୍ରହ୍ମପୁର ମେଡିକାଲ ଫାଣ୍ଡିରେ ଜିମା ଦେଇ ଗୋଳନ୍ଥରା ଥାନାକୁ ଆସି ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏ ନେଇ ନଂ ୨୯୧/୨୪ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ସ୍ୱାଇଁଙ୍କ ଟାଙ୍ଗିଆ ଚୋଟରେ ଶାଶୁ ଗୁରୁତର

ମୋହନା, ୨୧।୭ (ମନ୍ମଥ ମିଶ୍ର)
ସ୍ୱାଇଁଙ୍କ ଟାଙ୍ଗିଆ ଚୋଟରେ ଶାଶୁ ଗୁରୁତର ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ମୋହନା ଥାନା ଅନ୍ତର୍ଗତ ଶିକ୍କୁଳିପଦର ପଞ୍ଚାୟତ କଳାମେରୀ ଗାଁରେ। ମନମନ ବିଷୋୟୀ ଓ ସ୍ତ୍ରୀ ସ୍ୱପ୍ନା ବିଷୋୟୀଙ୍କ ମଧ୍ୟରେ ବୁ ସମୟରେ ପାଟିତୁଣ୍ଡ ହେଉଥିଲା। ଏଥିପାଇଁ ସ୍ୱପ୍ନାଙ୍କୁ ତାଙ୍କ ବାପା ମା' ଆଣି ନିଜ ଘରେ ରିଥିଲେ। ରବିବାର ମନମନ ଅଚାନକ ସ୍ୱପ୍ନାଙ୍କ ଘରକୁ ଆସି ଶାଶୁ ଅନାହଳ ବଣସିଂଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ଫେରାର ହୋଇଥିଲେ। ପିଠି. ମୁଣ୍ଡ ଓ ବେକରେ ଟାଙ୍ଗିଆ ଛୋଟ ଲାଗିଥିଲା। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ମୋହନା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥଲା।

# ନୂଆ ଆପରାଧିକ ଆଇନ ସମ୍ପର୍କିତ ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି।

ଆସିକା,୨୧।୭(ସୁରେନ୍ଦ୍ର ନାଥ ସାହୁ)
ଆସିକା ଓକିଲ ସଂଘ ପକ୍ଷରୁ ରବିବାର ଦେଶରେ ଲାଗୁ ହୋଇଥିବା ନୂତନ ଆପରାଧିକ ଆଇନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ସୁଧାଂଶୁ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଅତିରିକ୍ତ ଜିଲା ଜଜ୍ ପ୍ରବୀର କୁମାର ଚୌଧୁରୀ, ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନୀ ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଝିଲି ଲିନା ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୋନାଲି ବେହେରା, ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର, କୋଚିନ୍ଦା ଥାନା ଅଧିକାରୀ କୃଷ୍ଣ ସାହା, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା, ଓକିଲ ସଂଘ ସମ୍ପାଦକ ବିଦେଶୀ ନାହାକ,ସୂର୍ଯ୍ୟ ପ୍ରକାଶ ରାଓ, ରବୀନ୍ଦ୍ର କୁମାର ପାତ୍ର, ନାରାୟଣ ମୁନି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ନୂତନ ଭାବେ କାର୍ଯ୍ୟକାରୀ କରା ଯାଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଟ୍ରଷ୍ଟର ବୈଠକ



ବୈଠକରେ ଉପସ୍ଥିତ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ।

ବୁଗୁଡ଼ା,୨୧।୭(କାଳି ଚରଣ ଦାଶ)
ବୁଗୁଡ଼ା ଶିକ୍ଷକ ଭବନ ପରିସରରେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଟ୍ରଷ୍ଟର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ବିଶ୍ୱମୋହନ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ଟ୍ରଷ୍ଟ ପକ୍ଷରୁ ଶିକ୍ଷକ ସୌରଭ ସମ୍ମାନ ପ୍ରଦାନ ଉତ୍ସବ କରାଯିବା ଓ ଏଥିରେ ଟ୍ରଷ୍ଟର ନିୟମାନୁସାରେ ବରିଷ୍ଠ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଏନ୍‌ଏସି ଅନ୍ତର୍ଗତ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହେବ। ସମ୍ବର୍ଦ୍ଧନା ଉତ୍ସବ ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଥିଲା। ବୈଠକରେ ସଂପାଦକ ପ୍ରକାଶ ଚନ୍ଦ୍ର ରଥ ବିବରଣୀ ପାଠ କରିଥିବାବେଳେ ବଂଶୀଧର ଦାଶ ବେଦପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭପତି ହରେକୃଷ୍ଣ ପାତ୍ର, ସହ ସମ୍ପାଦକ ପ୍ରଭାକର ସ୍ୱାଇଁ, କୋଷାଧକ୍ଷ ଶ୍ୟାମ ସୁନ୍ଦର ନାୟକ, ସମୀକ୍ଷକ ରାମକୃଷ୍ଣ ସାହୁଙ୍କ ସମେତ କାର୍ଯ୍ୟକାରୀ ପରିଷଦ ସଦସ୍ୟ ବୃନ୍ଦ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ରକ୍ତଦାନ, ଚକ୍ଷୁ ପରୀକ୍ଷା ଶିବିର

ଆସିକା,୨୧।୭(ସୁରେନ୍ଦ୍ର ନାଥ ସାହୁ)
ଗୁରୁପୂର୍ଣ୍ଣିମା ଅବସରରେ ଚିନ୍ମୟ ମିଶନ ଆସିକା ଶାଖା ତରଫରୁ ରବିବାର ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର ମିଶନ ପରିସରରେ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦା ନନ୍ଦଙ୍କ ଉପସ୍ଥିତରେ ଅନୁଷ୍ଠିତ ଶିବିରକୁ ଆସିକା ବିଧାୟକଙ୍କ ପ୍ରତିନିଧି ସଙ୍ଗିତ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମାନୀୟ ଅତିଥି ଭାବେ ଘୁମୁସର ଜିଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ସଂଘ ଚାଳକ ବିଶ୍ୱନାଥ ସେଠୀ ଯୋଗ ଦେଇଥିଲେ। ମିଶନ ଆସିକା ଶାଖା ସଭାପତି ଲକ୍ଷ୍ମୀ ନାରାୟଣ ଗୁପ୍ତା ଓ ସମ୍ପାଦକ ନିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରକ୍ତଦାନ ଶିବିରରେ ୨୫ ୟୁନିଟ ରକ୍ତ ସଂଗୃହିତ କରାଯାଇଥିବା ବେଳେ ବେଳେ ଚକ୍ଷୁ ପରୀକ୍ଷା ଶିବିରରେ ୬୬ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବ୍ରହ୍ମପୁର ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ରକ୍ତ ସଂଗୃହିତ କରା ଯାଇଥିଲା। ଆସିକା ବିଜ୍ଞାନମହାବିଦ୍ୟାଳୟ ଯୁବ ରେଡକ୍ରସ ଉପଦେଷ୍ଟା ଅଧାପକ ରାଜେଶ କୁମାର ସାହୁଙ୍କ ସହ ମହା ବିଦ୍ୟାଳୟର ରେଡକ୍ରସ ସ୍ୱେଚ୍ଛା ସେବୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଋଷିକୁଲ୍ୟା ମୁଖ୍ୟ କେନାଲରେ ଛଡ଼ାଗଲା ପାଣି

ଧରାକୋଟ,୨୧।୭
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ଧରାକୋଟ, ଆସିକା, ଶେରଗଡ଼, ପାଟପୁର, ଦିଗପହଣ୍ଡି, ହିଞ୍ଜିଳି, ରଙ୍ଗେଇଲୁଣ୍ଡା, କୁକୁଡ଼ାଖଣ୍ଡି ବ୍ଲକର ଖରିଫ ଓ ରବି ଚାଷରେ ଜଳସେଚନ ପାଇଁ ଋଷିକୁଲ୍ୟା ମୁଖ୍ୟ କେନାଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମ୍ପ୍ରତି ବର୍ଷା ଅଭାବ ଯୋଗୁ ଚାଷୀମାନେ ଚାଷ ଆଗକୁ ନେଇପାରୁ ନ ଥିବା ବେଳେ ଜାନବିଲିଠାରୁ ଆରମ୍ଭ ହୋଇଥିବା ଋଷିକୁଲ୍ୟା ମୁଖ୍ୟ କେନାଲରେ ପାଣି ଛାଡିବା ଆରମ୍ଭ କରାଯାଇଛି। ଶନିବାର ନୀତିନିୟମ ଅନୁସାରେ ପୂଜାପାଠ କରାଯାଇ ପ୍ରଥମ ଜଳ ଛଡାଯାଇଛି। ମୁଖ୍ୟ କେନାଲ ସହ ଶାଖା କେନାଲଗୁଡିକୁ ପାଣି ଛଡାଯିବା ପରେ ଚାଷୀମାନେ ଚାଷ କାର୍ଯ୍ୟକୁ ଆଗକୁ ବଢାଇଛନ୍ତି। ପ୍ରଥମ ପାଣି ଛଡ଼ାଗଲା ବେଳେ ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ସେଠୀ, ସହ ନିର୍ବାହୀ ଯନ୍ତ୍ରୀ ପଞ୍ଚୁ ବେହେରା, ସହକାରୀ ଯନ୍ତ୍ରୀ ବିଜୟ ସାହୁ, ପ୍ରଶାନ୍ତ ସାହୁ, ବିଜୟ ପଟ୍ଟନାୟକଙ୍କ ସମେତ ପାଣି ପଞ୍ଚାୟତର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଭାଗ ତରଫରୁ ଯୋଗେନ୍ଦ୍ର ସାସମଲ ସଂଯୋଜନା କରିଥିଲେ। ନଭେମ୍ବର ପର୍ଯ୍ୟନ୍ତ ଚାଷୀମାନଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଚାଷଜମିକୁ ପାଣି ପହଞ୍ଚିବା ପରେ ଚାଷୀମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି।



ଋଷିକୁଲ୍ୟା ମୁଖ୍ୟ କେନାଲ

## ସଂକ୍ଷେପରେ

### ଏବିଭିପିର ସଦସ୍ୟତା ସଂଗ୍ରହ ଅଭିଯାନ ଆଜି

ବ୍ରହ୍ମପୁର, ୨୧।୭, (ସ୍ୱାଧୀନ ଶେଖର ପାଢ଼ୀ)

ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ସୋମବାର ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ କରିବ। ନେହେରୁ ନଗର ୯ମ ଲାଇନରେ ଥିବା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। ସଦସ୍ୟତା ସଂଗ୍ରହ ଅଭିଯାନ ଅଗଷ୍ଟ ୧୦ପର୍ଯ୍ୟନ୍ତ ଚାଲିବ। ଚଳିତ ଶିକ୍ଷା ବର୍ଷରେ ପରିଷଦ ପକ୍ଷରୁ ୧୦୦୦୦ ସଦସ୍ୟତା ସଂଗ୍ରହ ଲକ୍ଷ୍ୟ ରଖିଛି। ବିଭିନ୍ନ କ୍ଷେତ୍ରରେ ରୁଚି ଥିବା ଛାତ୍ରୀଛାତ୍ରଙ୍କୁ ସଂଗଠନ ସହ ଯୋଡ଼ା ଯିବ। ଓଡ଼ିଶାରେ ଦୀର୍ଘ ୬ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହୁଥିବାରୁ କଲେଜ ଓ କ୍ୟାମ୍ପସରେ ସମସ୍ୟା ଦେଖାଦେଇଛି। ବହୁ କଲେଜରେ ଅଧ୍ୟାପକ ପଦବୀ ଖାଲି ରହିଛି। ଜିଲାରେ ଅଧିକରୁ ଅଧିକ ଛାତ୍ରୀଛାତ୍ର ସଂଗଠନରେ ଯୋଗଦେଲେ ଉପରୋକ୍ତ ସମସ୍ୟା ସମାଧାନ ହୋଇପାରିବ ବୋଲି ଗଞ୍ଜାମ ବିଭାଗ ସଂଯୋଜକ ଅନୀଲ କୁମାର ସ୍ୱାଇଁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସୋସିଆଲ ମିଡିଆ ସହ ସଂଯୋଜକ ସୁନୀଲ କୁମାର ଦୋରା, ଗଞ୍ଜାମ ଜିଲା ସଂଯୋଜକ ଅଜୟ ଦାସ ଓ ଛାତ୍ରୀ ପ୍ରମୁଖ ସିୟାରାଣୀ ପାତ୍ର ଉପସ୍ଥିତ ଥିଲେ।

### ହସ, ଯୋଗ କେନ୍ଦ୍ରରେ ଗୁରୁପୂର୍ଣ୍ଣିମା

ବ୍ରହ୍ମପୁର,୨୧।୭ (ସ୍ୱାଧୀନ ଶେଖର ପାଢ଼ୀ)

ସ୍ଥାନୀୟ ଲାଞ୍ଜିପଲ୍ଲୀ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରରେ ମଞ୍ଚ ସଭାପତି ପ୍ରଫେସର ଭାସ୍କର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଛି। ହସଗୁରୁ ସୁଜନ ଶୁକ୍ଳ, ବ୍ୟାୟାମ ଗୁରୁ ଶିବରାମ ପାଣିଗ୍ରାହୀ ଏବଂ ଯୋଗ ଗୁରୁ ପ୍ରଫେସର ଭାସ୍କର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ରର ବରିଷ୍ଠ ସଦସ୍ୟ ରାଜ କିଶୋର ଆଚାର୍ଯ୍ୟ, ଉପେନ୍ଦ୍ର ନାଥ ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ, ଲୋକନାଥ ବ୍ରହ୍ମା ଉପଯୋଗ ଗୁରୁ ବିଭୂତି ଭୂଷଣ ବେହେରାଙ୍କୁ କେନ୍ଦ୍ରର ଯୋଗଗୁରୁ ରୂପେ ଅଭିଷିକ୍ତ କରିଥିଲେ। ସଂପାଦକ ସୁରେଶ ଜେନା ମଂଚ ପରିଚାଳନା, ରାଜ କିଶୋର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। କେ.କ୍ରିଷ୍ଣା ରାଓ, ରମେଶ ଚନ୍ଦ୍ର ମହାନ୍ତି, ହରିବନ୍ଧୁ ବେହେରା, ପ୍ରଫେସର ଡଃ ଅରୁଣ ପଣ୍ଡା, ଶାନ୍ତନୁ ମିଶ୍ର, କୈଳାଶ ଚର୍ଚ୍ଚି, ସତ୍ୟବାଦୀ ମହାରଣା, ଚିତ୍ତ ରଞ୍ଜନ ସାହୁ, କଂଗ୍ରେସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କାର କାଚ ଭାଙ୍ଗି ଲାପଟପ ଚୋରି

ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଷାଣୀନୂଆଗାଁ ଥାନା ଷ୍ଟେଶନ ରୋଡ ମାଚିହାଣ୍ଡି ମଟନ ହୋଟେଲ ସମ୍ମୁଖରୁ କାର କାଚ ଭାଙ୍ଗି ଲାପଟପ ଚୋରି ହୋଇଛି। ଏନେଇ ପଶ୍ଚିମବଙ୍ଗ ନଦିଆ କଲ୍ୟାଣୀ ଥାନା ଅଚଂଳର ତ୍ରିସଂଙ୍କୁର ଦାସ ଥାନାରେ ଅଭିଯୋଗ କରଛନ୍ତି। ପୋଲିସ ନଂ.୧୭୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ଶୁକ୍ରବାର ଅପରାହ୍ନରେ ଷ୍ଟେଶନ ରୋଡ ସ୍ଥିତ ଏକ ହୋଟେଲ ସମ୍ମୁଖରେ ତ୍ରିସଙ୍କୁର ନିଜର କାର ଗାଡି ନମ୍ବର (ଡବ୍ଲୁବି ୨୬ ବିଡି ୩୮୧୬) ପାର୍କିଂ କରି ଉକ୍ତ ହୋଟେଲରେ ମଧ୍ୟାହ୍ନ ଭୋଜନ କରୁଥିଲେ। ସେ ଖାଇବା ସାରି ଗାଡି ନିକଟକୁ ଫେରି ଦେଖିବା ବେଳ କୌଣସି ଦୁର୍ବୃତ୍ତ ତାଙ୍କ ଗାଡିର ଝରକା ଭାଙ୍ଗି କାର ଭିତରୁ ଗୋଟିଏ ଡେଲ ଲାପଟପ,ଗୁରୁତ୍ୱପୂର୍ଣ୍ଣ ଅଫିସ କାଗଜ ଓ କିଛି ବ୍ୟକ୍ତିଗତ ମରାମତି ସରଂଜାମ ଚୋରି କରି ନେଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ଛୁରି ଦେଖାଇ ବାଇକ୍ ଲୁଟ୍

ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଡେଙ୍ଗାପଦର ନିକଟରେ ଦିଗପହଣ୍ଡି ଥାନା ଜକରାପଲ୍ଲୀ ଗ୍ରାମର କୈଳାସ ବେହେରାଙ୍କ ବାଇକ୍ ଲୁଟ ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କ ଫଟୋ ବାହାର କରିଛି। ହେଲେ ସେମାନେ କିଏ ଓ କେଉଁଠାର ତାହା ସ୍ପଷ୍ଟ ହୋଇପାରୁନି। ଗତ ୧୮ତାରିଖରେ କୈଳାସ ବେହେରା ଓ ତାଙ୍କ ସାଙ୍ଗ ନନ୍ଦନ ଜେନା କୌଣସି କାମରେ ବାଇକ୍‌ରେ ବ୍ରହ୍ମପୁର ଯାଇ ଘରକୁ ଫେରୁଥିଲେ। ଡେଙ୍ଗାପଦର ଓ ନାରାୟଣପୁର ମଝି ରାସ୍ତାରେ ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଛୁରି ଦେଖାଇ ପଲସର ବାଇକଟିକୁ ଛଡାଇ ଯାଇଥିଲେ।

# ବେଆଇନ ମଦ ବାର୍ ତୁରନ୍ତ ହଟାଅ: ମନ୍ତ୍ରୀ ବିଭୂତି

ବ୍ରହ୍ମପୁର,୨୧।୭(ସ୍ମୃତି ରଞ୍ଜନ ମହାଳିକ)


ମନ୍ତ୍ରୀ, ମେୟର, କର୍ପୋରେଟର ଓ ଅନ୍ୟମାନେ।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ଅତିଥି ଭବନରେ ଏକ ଘରୋଇ ସଂସ୍ଥା ପକ୍ଷରୁ ବେଆଇନ ଭାବେ ଚାଲିଥିବା ମଦ ବାରକୁ ବନ୍ଦ କରିବା ପାଇଁ ରବିବାର ବିଏମ୍‌ସି ମେୟର ସଂଘମିତ୍ରା ଦଳେଇଙ୍କ ସମେତ ବହୁ କର୍ପୋରେଟର ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଅବଗତ କରାଇଛନ୍ତି। ମନ୍ତ୍ରୀ ଏଥିରେ ସହମତି ପ୍ରକାଶ କରିବା ସହ ବେଆଇନ ମଦ ବାର୍‌କୁ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୧୯ ତାରିଖରେ ନିଗମର କାଉନସିଲ ବୈଠକରେ ଅତିଥି ଭବନରେ ବେଆଇନ ମଦ ବାରକୁ ନେଇ ହୋହାଲ୍ଲା ହୋଇଥିଲା। ଅତିଥି ଭବନକୁ ୫ ବର୍ଷ ପାଇଁ ଲିଜ ନେଇଥିବା ଘରୋଇ ସଂସ୍ଥା ବେଆଇନ ଭାବେ ମଦ ବାର ଖୋଲିଥିବା କର୍ପୋରେଟରମାନେ ଅଭିଯୋଗ କରିଥିଲେ। ଶିକ୍ଷାନୁଷ୍ଠାନ ସ୍ଥାନରେ ଓ ସରକାରୀ ଜାଗାରେ ଏଭଳି ମଦ ବାରକୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି କରିଥିଲେ। ଯାହାକୁ ମେୟର ସମର୍ଥନ କରିବା ସହ କମିଶନରଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। କମିଶନର ମଦ ବାର ବନ୍ଦ ପାଇଁ ନୋଟିସ ଦିଆଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଘରୋଇ ସଂସ୍ଥା ନୋଟିସକୁ ଅବମାନନା କଲେ ୧୫ ଦିନ ମଧ୍ୟରେ ନିଗମ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଥିଲେ। କର୍ପୋରେଟରମାନେ ଏହାକୁ ସମର୍ଥନ ଜଣାଇଥିଲେ। ନିଗମ ପକ୍ଷରୁ ଶନିବାର ଉକ୍ତ ଘରୋଇ ସଂସ୍ଥା ବିରୋଧରେ ନୋଟିସ ଦିଆଯାଇଛି। ମେୟର ରବିବାର ମନ୍ତ୍ରୀଙ୍କୁ ଏ ବାବଦରେ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା, ଆପ୍ପା ରାଓ, ଡି. କରୁଣାକର, ନରସିଂହ ସେଠୀ, ତ୍ରିପତି ପାତ୍ର, ବିଜେଡି କର୍ମକର୍ତ୍ତା ଆର ମୂରଲୀ ମୋହନ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟିଥିଲେ।

# ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଗୁରୁ ବନ୍ଦନା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୧।୭ (ସ୍ୱାଧୀନ ଶେଖର ପାଢ଼ୀ)

ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଜିଲା ଶାଖା ପକ୍ଷରୁ ବ୍ରହ୍ମନଗର ପ୍ରଥମ ଲାଇନ ଭିଜେନ କ୍ଲାସେସ ପରିସରରେ ଗୁରୁବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି କୁମୁଦ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୁଷୋତ୍ତମପୁରର ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିକୃଷ୍ଣ ପଣ୍ଡା ବ୍ୟାସଦେବଙ୍କ ଜୀବନୀ ଉପରେ କହିଥିଲେ। ଖଲ୍ଲିକୋଟ ଆର୍.ସି.ଏମ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଓଡିଆ ଭାଷା ସାହିତ୍ୟର ପ୍ରାଧ୍ୟାପକ ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଗୁରୁ ଶିଷ୍ୟ ପରମ୍ପରା ବିଷୟରେ ମତ ରଖିଥିଲେ। ସମ୍ମାନନୀୟ ଅତିଥିଭାବେ ଭିଜେନ କ୍ଲାସେସର ନିର୍ଦ୍ଦେଶକ ହର୍ଷ ପ୍ରସାଦ ଦାଶ, ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପାଢୀ, ପ୍ରମୋଦ କୁମାର ବାଜୁବନ୍ଧ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଜିଲା ସହ ସମ୍ପାଦକ ନୀଳାମ୍ବର ମହାପାତ୍ର, ବିନାୟକ ତ୍ରିପାଠୀ,ଡ ସନାତନ ପଣ୍ଡା, ମନୋରଞ୍ଜନ ସାହୁ, ଏମ ବିଶ୍ୱନାଥ, ଭୁବନ ସାହୁ, ଲୋକନାଥ ସାହୁ ଉପସ୍ଥିତ ଥିଲେ।

# ପୃଥକ୍ ସ୍ଥାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅଞ୍ଚଳର ପୃଥକ ୩ ସ୍ଥାନରୁ ଲୁଟେରା ଗ୍ୟାଙ୍ଗ ଲକ୍ଷାଧିକ ଟଙ୍କାର ଘରକରଣା ସାମଗ୍ରୀ ଚୋରି କରିଛନ୍ତି। ଏ ନେଇ ଅଭିଯୋଗ ପରେ ପୋଲିସ ୩ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ନିମଖଣ୍ଡିର ଜଗନ୍ନାଥ ପାଣିଗ୍ରାହୀ ଜିଲାଜଜ୍ କୋର୍ଟରେ କାମ କରନ୍ତି। ତାଙ୍କର ସାଇ ବିହାରରେ ଏକ ଘର ନିର୍ମାଣ ଚାଲିଛି। ଗତ ୧୬ ତାରିଖ ସନ୍ଧ୍ୟାରେ ସେ ଉକ୍ତ ନିର୍ମାଣାଧୀନ ଗୃହକୁ ଯାଇଥିବା ବେଳେ ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଘର ଭିତରକୁ ଯାଇ ଦେଖିବାବେଳେ ସେଠାରେ ଥିବା ବିଦ୍ୟୁତ ସରଞ୍ଜାମ,ମେଶିନ ଏପରି ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ନଂ.୨୦୩/୨୪ରେ ମାମଲା ରୁଜୁ କରିଛି। ସେହିପରି ନିମଖଣ୍ଡି ପଞ୍ଚାୟତ ଅଧିନ ଏକ ପମ୍ପ ହାଉସରୁ ଲୁଟେରାମାନେ ପାଣିପମ୍ପ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ଏନେଇ ସରପଞ୍ଚ ଶଶି ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୦୪/୨୪ରେ ଏକ ମାମଲା ରୁଜୁ କରିଛି। ସେହିପରି ଇଂଜିନିୟର ସ୍କୁଲ ଛକ ନିକଟ ଅଳକାପୁରୀରେ ଜଗନ୍ନାଥ ପାଢ଼ୀଙ୍କ ଏକ ଗୃହ ନିର୍ମାଣ କାମ ଚାଲିଛି। ସେ ଅବକାରୀ ବିଭାଗ ଏଏସଆଇ ଭାବେ ଗୋପାଳପୁରରେ କାମ କରନ୍ତି। ଗତ ୧୭ ତାରିଖରେ ସେ ଉକ୍ତ ଘରକୁ ଯାଇ ଦେଖିବାବେଳେ ଘରର ତାଲା ଭଙ୍ଗା ଯାଇଥିଲା। ଲୁଟେରାମାନେ ଘର ତାଲା ଭାଙ୍ଗି ବିଭିନ୍ନ ପ୍ରକାର ସରଞ୍ଜାମ ଚୋରି କରିଛନ୍ତି। ଗୃହକର୍ତ୍ତା ଜଗନ୍ନାଥ ପାଢ଼ି ଏନେଇ ଥାନାର ଅଭିଯୋଗ ପରେ ପୋଲିସ ନଂ.୨୦୫/୨୪ରେ ଏକ ମାମଲା ରୁଜୁ କରିଛି।

### ନିଶା ଦେଇ ସୁନା ଲୁଟ ଘଟଣାରେ ସୁରାକ ମିଳୁନି

ବ୍ରହ୍ମପୁର, ୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ବସରେ ମୃଦୁପାନୀୟରେ ନିଶା ଦେଇ କେ.ନୂଆଗାଁ ଥାନା ଅନ୍ତର୍ଗତ ଟିଙ୍କିଟି ପେଣ୍ଠ ଲୋକନାଥପୁରର ସୁବ୍ରତ କୁମାର ପାଢ଼ୀଙ୍କଠାରୁ ୩୩ ଗ୍ରାମ ସୁନା ଲୁଟ ହୋଇଥିଲା। ଗତ ୨୪ ତାରିଖରେ ଘଟିଥିବା ଏହି ଘଟଣାର ୩ ସପ୍ତାହ ପରେ ବି ବୈଦ୍ୟନାଥପୁର ଥାନା ପୋଲିସକୁ ସଫଳତା ମିଳିନାହିଁ। ଲୁଟେରାଙ୍କ ସମ୍ପର୍କରେ ସୁବ୍ରତ ସୂଚନା ଦେଇଥିଲେ ସୁଦ୍ଧା ତାଙ୍କୁ ଠାବ କରାଯାଇପାରୁନାହିଁ। ସୁବ୍ରତ ଯେଉଁ ବସରେ ଯାତ୍ରା କରିଥିଲେ ସେହି ଗାଡ଼ିର କର୍ମଚାରୀଙ୍କୁ ପୋଲିସ ଥାନାକୁ ଡାକି ପଚରାଉଚରା କରିଛି। ଲୁଟେରାଙ୍କୁ ଧରିବା ପାଇଁ ଏକ ଟିମ ଗଠନ କରି ତଦନ୍ତ ଜାରି ରହଛି ବୋଲି ପୋଲିସ କହିଛି। ସୁବ୍ରତ ଖଣ୍ଡଗିରିରୁ ବ୍ରହ୍ମପୁର ଅଭିମୁଖେ ଏକ ଘରୋଇ ବସରେ ଆସିଥିଲେ। ଖଣ୍ଡଗିରିରୁ ଅନ୍ୟ ଜଣେ ଯୁବକ ମଧ ଉକ୍ତ ବସରେ ଚଢ଼ିଥିଲେ। ଉଭୟେ ପଛ ସିଟରେ ବସିଥିଲେ। ସୁବତ୍ର ପଚାରିବାରୁ ଯୁବକଙ୍କ ନାମ ଦୀପକ ଓ ଘର ଜଗତସିଂହପୁର ଜିଲା ଏବଂ ବ୍ରହ୍ମପୁରରେ ଗ୍ରୀନ ଚିଲି ଫାଷ୍ଟଫୁଡ ଦୋକାନରେ ରୋଷେୟା କାମ କରୁଥିବା କହିଥିଲେ। କିଛି ସମୟରେ ପରେ ଦୀପକ ବ୍ୟାଗରୁ ଦୁଇଟି ମୃଦୁ ପାନୀୟ ବାହାର କରି ଗୋଟିଏ ସେ ପିଇଥିଲେ ଓ ଅନ୍ୟଟି ସୁବ୍ରତଙ୍କୁ ଦେଇଥିଲେ। ସୁବ୍ରତ ଉକ୍ତ ମୃଦୁ ପାନୀୟ ପିଇବା ପରେ ହଠାତ ଅଚେତ ହୋଇପଡିଥିଲେ। ବସଟି ବୈଦ୍ୟନାଥପୁର ଥାନା ନିକଟରେ ପହଞ୍ଚିବା ପରେ ଡ୍ରାଇଭର ତାଙ୍କୁ ଓହ୍ଲାଇବାକୁ କହିଥିଲେ। ସେତେବେଳେ ସୁବ୍ରତ ସାମାନ୍ୟ ଅଚେତ ଅବସ୍ଥାରେ ଥିଲେ। ପରେ ବୈଦ୍ୟନାଥପୁର ଥାନାକୁ ଆସି ଅଭିଯୋଗ କରି ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ।

# ଜୋନ୍‌ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୧।୭ (ସ୍ୱାଧୀନ ଶେଖର ପାଢୀ)

ଚମାଖଣ୍ଡି ଓଡିଶା ଆଦର୍ଶ ବିଦ୍ୟାଳୟ ପିରିସରରେ ଦୁଇ ଦିନିଆ ଜୋନସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ରଂଜିତ କୁମାର ରଣା ସଭାପତିତ୍ୱ କରିଥିଲେ। ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ, ଗଜପତିର ବିଜ୍ଞାନ ଶିକ୍ଷକମାମାନେ ଏଥିରେ ସାମିଲ ହୋଇଥିଲେ। ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜିତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ କରାପଲ୍ଲୀର ଶିକ୍ଷୟିତ୍ରୀ ସୁଚିତ୍ରା ସାବତ, ବାଦପୁର ଓଏଭି ଉପାଧ୍ୟକ୍ଷା ପ୍ରମିଳା ରାଉତ, ବରିଷ୍ଠ ପରିଚାଳକ ସୁଧିର କୁମାର ଦିଗାଲ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ ଦିବସରେ କୁସୁମି ଓଏଭିର ଅନାମ ବେହେରା, କେନ୍ଦ୍ରୀୟ ବିଦ୍ୟାଳୟର ରାଜକିଶୋର ଚମ୍ପତି ପ୍ରଶିକ୍ଷଣ ଦେଇଥିଲେ। ଉକ୍ତ ତାଲିମ ଶିବିରକୁ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

# ନିଃଶୁଳ୍କ ସେରିବ୍ରାଲ ପାଲ୍‌ସି ଶିବିର


ଶିବିରରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ବୈକୁଣ୍ଠ ନଗର କ୍ୟୁରୀ ଫିଜିଓଥେରାପି ଏବଂ ପୁନର୍ବାସ କେନ୍ଦ୍ର ପକ୍ଷରୁ ନିଃଶୁଳ୍କ ସେରିବ୍ରାଲ ପାଲ୍‌ସି ଶିବିର ଅନୁଷ୍ଠିତ ହୋଇଛି। ଜନ୍ମ ବେଳେ ମସ୍ତିଷ୍କକୁ ଅମ୍ଳଜାନ କମିଗଲେ ପିଲାର ଅଙ୍ଗ ଚାଳନା, କଥା କହିବାରେ ଅସୁବିଧା ହୋଇଥାଏ। ଠିକ ସମୟରେ ମାନସିକ ବିକାଶ ହୋଇ ନ ଥାଏ। ଏହି ସେରିବ୍ରାଲ ପାଲ୍‌ସି ରୋଗକ୍ରାନ୍ତ ଶିଶୁଙ୍କୁ ଠିକ ସମୟରେ ଚିକିତ୍ସା ଦରକାର। କଥା କହିବା ପାଇଁ ସ୍ପିଚ ଥେରାପି, ଚିଡିଚିଡାପଣ ପାଇଁ ଅକ୍ୟୁପେସନାଲ ଥେରାପି, ଗୋଡହାତ ବଙ୍କା ହୋଇଥିଲେ ଅର୍ଥୋସିସି ବା ଆସିଷ୍ଟିଭ ଡିଭାଇସ ଦରକାର ପଡେ। ମସ୍ତିଷ୍କ ପକ୍ଷାଘାତ ପାଇଁ ସ୍ନାୟୁ ବିଶେଷଜ୍ଞଙ୍କ ପରାମର୍ଶ ଦରକାର। ଏଥି ସହିତ ଚାଲିବାରେ ଅସୁବିଧା ହେଲେ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ଦରକାର ପଡେ। ତେଣୁ ଏହି ମିଳିତ ଚିକିତ୍ସାକୁ କୁହାଯାଏ ସେରିବ୍ରାଲ ପାଲ୍‌ସି ଚିକିତ୍ସା। ଏହି ଶିବିରରେ ଓଲଟପୁରର ଏସଭି. ନିରତାର ଶିଶୁ ଭୌତିକ ଚିକିତ୍ସକ ଡା.ବିନୟ କୁମାର ଯୋଗଦେଇଥିଲେ। ୪୦ରୁ ଅଧିକ ଶିଶୁଙ୍କୁ ଚିକିତ୍ସା କରାଯାଇଥିଲା। ଶିବିରରେ କ୍ୟୁରୀ ଫିଜିଓଥେରାପି ଏବଂ ପୁନର୍ବାସ କେନ୍ଦ୍ରର ମୁଖ୍ୟ ଡା. ସ୍ମୃତିରେଖା ମହାପାତ୍ର, ଫିଜିଓଥେରାପିଷ୍ଟ ଡା. ବିଦ୍ୟୁତ ପ୍ରଭା ଦାସ, ଡା. ପଦ୍ମଶ୍ରୀ, ଡା. ପ୍ରତିକ୍ଷା, ଡା. ପ୍ରଜ୍ଞା ପରମିତା, ଡା.ଅନିତା, ଅକ୍ୟୁପେସନାଲ ଥେରାପିଷ୍ଟ ଡା. ମନିଷା ମହାପାତ୍ର, ଡା. ଲିପସିକା ପାତ୍ର, ଦେବାଶିଷ ବେହେରା, ସ୍ପିଚ ଥେରାପିଷ୍ଟ ସୁମିତ ବେହେରା ପ୍ରମୁଖ ଯୋଗଦେଇଥିଲେ। ପଲ୍ଲବୀ ବେହେରା ଓ ଗୌରୀ ଆଚାରୀ ଶିବିର ପରିଚାଳନା କରିଥିଲେ।

# ବର୍ଦ୍ଧିତ ଘର ଟିକସ ପ୍ରତ୍ୟାହାର କରାଯାଉ

ବ୍ରହ୍ମପୁର,୨୧।୭(ନରସିଂହ ସାହୁ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ବର୍ଦ୍ଧିତ ହୋଲଡିଂ ଟ୍ୟାକ୍ସ ପ୍ରତ୍ୟାହାର ଦାବି ନେଇ ପୁଣି ଆରମ୍ଭ ହୋଇଛି ରାଜନୀତି। ବିଧାୟକ କେ. ଅନିଲ କୁମାର ନିର୍ବାଚନୀ ପ୍ରଚାର ବେଳେ ଭାଜପା ଜିତିଲେ ବର୍ଦ୍ଧିତ ଘର ଟିକସ ବାତିଲ କରାଯିବ ବୋଲି ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାକୁ ମତ ପ୍ରକାଶ ପାଇଛି। ନଚେତ୍ ଏହାର ପ୍ରତିବାଦରେ ମହାନଗରରେ ପୁଣି ଆନ୍ଦୋଳନ କରାଯିବ ବୋଲି ବିଭିନ୍ନ ମହଲରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ବିଏମ୍‌ସି ସରକାରଙ୍କ ପରିଚାଳନାଧୀନ ବେଳେ ୨୦୧୯ରେ ତତ୍କାଳୀନ କମିଶନର ଘର ଟିକସ ୩୦୦ ଗୁଣ ବଢ଼ାଇ ଦେଲେ। ସର୍ବନିମ୍ନ ୬୦୦ ଟଙ୍କା ଧାର୍ଯ୍ୟ କଲେ। ଯେଉଁ ଗରୀବ ମୁଣ୍ଡ ଗୁଞ୍ଜିବାକୁ ଛୋଟ ଏବଂ ଚାଳ ଛପର ଘର କରି ବାର୍ଷିକ ୫୦ରୁ ୧୦୦ ଟଙ୍କା ମଧ୍ୟରେ ଟିକସ ଦେଉଥିଲେ ସେମାନେ ସର୍ବନିମ୍ନ ଧାର୍ଯ୍ୟ ଦେବାକୁ ପଡୁଛି। ଫଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୨ରେ ପୌର ନିର୍ବାଚନ ହେଲା। ଜନ ପ୍ରତିନିଧି ନିର୍ବାଚିତ ହେଲେ। ସରକାରୀ ବାବୁ ବଢ଼ାଇଥିବା ହୋଲଡିଂ ଟ୍ୟାକ୍ସ ପ୍ରତ୍ୟାହାର ପ୍ରତି ଆଖି ବୁଜି ଦେଲେ। ନିଗମ ଶାସନ ସଂଖ୍ୟା ଗରିଷ୍ଠ ଥିବା ବିଜେଡି ଦଖଲକୁ ଗଲା। ହେଲେ ବ୍ୟୁରୋକ୍ରାଟ ଧାର୍ଯ୍ୟ କରିଥିବା ଟିକସ ବୃଦ୍ଧିକୁ ବିରୋଧ କରାଗଲା ନାହିଁ। ହୋଲଡିଂ ଟ୍ୟାକ୍ସ ବୃଦ୍ଧିକୁ ପ୍ରଥମେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ବିରୋଧ କରିଥିଲେ। ଲୋକଙ୍କୁ ମେଳି କରି ଏକାଧିକ ଥର ଆନ୍ଦୋଳନ କରାଗଲା। ଏପରିକି ଅଦାଲତରେ ମାମଲା ରୁଜୁ କରାଗଲା। ତଥାପି ଫଳ ଶୂନ। ବର୍ତ୍ତମାନ ପୀତବାସ ଭାଜପାରେ ଅଛନ୍ତି। ରାଜ୍ୟ ରାଜନୀତି ବି ବଦଳି ଯାଇଛି। ଭାଜପା ସରକାର ଗଢ଼ିଛି। ତେଣୁ ବର୍ଦ୍ଧିତ ଘର ଟିକସ ପ୍ରତ୍ୟାହାର ଦାବି ଉଠିଛି। ଅନ୍ୟପକ୍ଷରେ ବିଧାୟକ କେ. ଅନିଲ କୁମାର ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ବର୍ଦ୍ଧିତ ଟିକସ ପ୍ରତ୍ୟାହାର କରାଯିବ ବୋଲି ଆଲୋଚନା ବେଳେ କହିଛନ୍ତି। ଆଗାମୀ ଦିନରେ କର୍ପୋରେଶନ ବୈଠକରେ ସେ ପ୍ରସ୍ତାବ ରଖିବେ। ପରବର୍ତ୍ତୀ ସ୍ଥିତିରେ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶନାମା ମଧ ଜାରି କରାଇବେ ବୋଲି କହିଛନ୍ତି।

### ପିଏନ୍‌ବି ପେନ୍‌ସନଭୋଗୀଙ୍କ ପକ୍ଷରୁ ଚାରାରୋପଣ

ବ୍ରହ୍ମପୁର,୨୧।୭ (ସ୍ୱାଧୀନ ଶେଖର ପାଢୀ)

ସର୍ବଭାରତୀୟ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଅବସରପ୍ରାପ୍ତ ପେନସନ ଭୋଗୀ ସଂଘ ପକ୍ଷରୁ ୫୬ତମ ବ୍ୟାଙ୍କ ଜାତୀୟକରଣ ଦିବସ ଲୋଚାପଡା ପାଣି ମହାପ୍ରଭୁଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ଚାରା ରୋପଣ କରାଯାଇଥିଲା। ବୃକ୍ଷରୋପଣର ଉପକାରିତା ଓ ଏହାର ପ୍ରଚାର ବିଷୟରେ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ଦିନରେ ସଂଘ ପକ୍ଷରୁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ କରିବା ନିମନ୍ତେ ଆଲୋଚନା ହୋଇଥିଲା। ଏଥିରେ ସଂଘ ସମ୍ପାଦକ କାହ୍ନୁ ବାଳକୃଷ୍ଣ ବିହାରୀ, ସଭ୍ୟ ସାଇବ ପାତ୍ର, ଭବାନୀ ପ୍ରସାଦ ମିଶ୍ର, ଏନ. ରାଜେଶ୍ୱର ପାତ୍ର, ବୃନ୍ଦାବନ ପାତ୍ର ପ୍ରମିଖ ଉପସ୍ଥିତ ଥିଲେ।

### କଳିଙ୍ଗ ସାହିତ୍ୟ ସମାଜର ଶ୍ରାବଣୀ ଆସର

ବ୍ରହ୍ମପୁର,୨୧।୭(ସ୍ୱାଧୀନ ଶେଖର ପାଢ଼ୀ)

ଦକ୍ଷିଣାଞ୍ଚଳର ସର୍ବ ପୁରାତନ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ଶ୍ରାବଣୀ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରିଥିଲେ। କବି ଓ ସମାଲୋଚକ ଡ. କୁଳମଣି ଓଝା ପ୍ରାଚୀନ ସାହିତ୍ୟ ପରିଚର୍ଚ୍ଚା କ୍ରମରେ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ କାଳଜୟୀ କୃତି ସଂପର୍କରେ କହିବା ସହ ପଠିତ ଗଳ୍ପ-କବିତାଗୁଡ଼ିକର ସମୀକ୍ଷା କରିଥିଲେ। ସଂଗଠନ ସଂପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଅତିଥି ଆମନ୍ତ୍ରଣ କରିଥିଲେ। ବିଶିଷ୍ଟ ସାହିତ୍ୟିକା ଡ. ସୂଚନା ପାଢ଼ୀଙ୍କ ସଂଯୋଜନାରେ ସଂଚାଳିତ ଆସରରେ ଅନୁପ କୁମାର ମିଶ୍ର, ଡ. ହୃଷୀକେଶ ପଣ୍ଡା, ନୀଳକଣ୍ଠ ସାହୁ, ଲିଙ୍ଗରାଜ ଜେନା, ଶରତ କୁମାର ଦାସ, ହୃଷୀକେଶ ଦାଶ, ଡ. ସଞ୍ଜୟ କୁମାର ପଣ୍ଡା, ସ୍ୱର୍ଣ୍ଣମୟୀ ପାଢ଼ୀ, ଡ. ସୂଚନା ପାଢ଼ୀ, ଡ. ବନମାଳୀ ପାଣିଗ୍ରାହୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।


କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ଓ ଅନ୍ୟମାନେ।

# 'ଆପରାଧିକ ସଂହିତାରେ ପରିବର୍ତ୍ତନ ଓ ତା'ର ପ୍ରଭାବ' ଆଲୋଚନାଚକ୍ର

ବ୍ରହ୍ମପୁର ୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସ୍ଥାନୀୟ ମାନବବାଦୀ ହେତୁବାଦୀ ସଂଗଠନ, ଗଞ୍ଜାମ ଜିଲା ଆନୁକୂଲ୍ୟରେ ଆପରାଧିକ ସଂହିତାରେ ପରିବର୍ତ୍ତନ ଓ ତା'ର ପ୍ରଭାବ ବିଷୟରେ ଏକ ଆଲୋଚନାଚକ୍ର ସ୍ଥାନୀୟ ସଂକଳ୍ପ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋର ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଓକିଲ ଭଗବାନ ସାହୁ ସଭାପତିତ୍ୱ କରିଥିଲେ। ସଂଗଠନର ସମ୍ପାଦକ କେ.ଏନ.ସେନାପତି ସମ୍ୟକ ସୂଚନା ଦେଇ କହିଥିଲେ ଯେ, ଆଜିଯାଏ ପ୍ରଚଳିତ ଆଇପିସିକୁ ଭାରତୀୟ ନ୍ୟାୟ ସଂହିତା, ସିଆରପିସିକୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଇଣ୍ଡିଆନ ଏଭିଡେନ୍ସ ଆକ୍ଟକୁ ଭାରତୀୟ ସାକ୍ଷ୍ୟ ସଂହିତାରେ ପରିଣତ କରାଯାଇ ୨୦୨୪ ଜୁଲାଇ ୧ରେ ଭାରତରେ ଲାଗୁ କରାଯାଇଥିବା ସୂଚାଇ ଥିଲେ। ମୁଖ୍ୟ ଅତିଥି ସାହୁ ଆଇପିସି ଓ ବର୍ତ୍ତମାନର ପ୍ରଚଳିତ ଭାରତୀୟ ନ୍ୟାୟ ସଂହିତା ବିଷୟରେ ବିଭିନ୍ନ ନିୟମ କହିଥିଲେ। ସରକାର ଏହାକୁ ଔପନିବେସିକରୁ ଭାରତୀୟ ନାମକରଣ କରାଯାଇଥିବା ଯାହା କୁହାଯାଉଛି ତାହା ଠିକ ନୁହେଁ। ଏହା କେବଳ ସଂସ୍କୃତରେ ନାମ କରଣ କରାଯାଇଛି। ଏହା ସାଧାରଣ ନାଗରିକମାନଙ୍କର ଅଧିକାରର ସୁରକ୍ଷା କରେ ନାହିଁ। ଆଇପିସିରେ ୫୧୧ ନିୟମ ଥିଲା ବେଳେ ବର୍ତ୍ତମାନ ଭାରତୀୟ ନ୍ୟାୟ ସଂହିତାରେ ୩୫୮ରେ ସୀମିତ କରାଯାଇଛି। ସ୍ତମ୍ଭକାର ଭଲଚନ୍ଦ୍ର ଷଡଙ୍ଗୀ କହିଲେ ଯେ, ତିନି ଅପରାଧିକ ଆଇନ ରାଷ୍ଟ୍ରର କ୍ଷମତାକୁ ବୃଦ୍ଧି କରିବା ସହ ସାଧାରଣ ଜନତାଙ୍କ ଅଧିକାରକୁ ସଙ୍କୁଚିତ କରୁଛି। ଆଡ୍‌ଭୋକେଟ ମହର୍ଷି ସିଂ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ, ସ୍ତମ୍ଭକାର ଭଲ ଷଡଙ୍ଗୀ, ବିଧାନ ଚନ୍ଦ୍ର ନାୟକ ନିଜ ମତ ରଖିଥିଲେ। ପ୍ରତାପ ଚନ୍ଦ୍ର ପ୍ରଧାନ, ଡି.ମୋହନ ରାଓ,ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଶିବାନୀ ଶଙ୍କର ମିଶ୍ର,ନିମାଇଁ ଚରଣ ସାହୁ, କେ.ବସବ ରାଜୁ, ଗୋପାଳ ମହାପାତ୍ର, ନାରାୟଣ ସାହୁ ସହଯୋଗ କରିଥିଲେ। ଡି.ମୋହନ ରାଓ ଧନ୍ୟବାଦ ଦେଇଥିଲେ।

